بسم اللہ الرحمٰن الرحیم

ଖୁତବା ଜୁମା ୨୨ ଫେବୃୟାରୀ ୨୦୧୯ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

## *ଏହା କେବଳ ଭବିଷ୍ୟବାଣୀ ନୁହେଁ ବରଂ ଏହା ଏକ ଭବ୍ୟ ଏବଂ ସର୍ବବୃହତ୍ ଐଶୀ ନିଦର୍ଶନ, ଯାହାକୁ ଅଶେଷ ଦୟାବାନ୍ ଏବଂ ସଦାକରୁଣାମୟ ରୂପୀ ଇଶ୍ୱର ଆମ୍ଭମାନଙ୍କର ପ୍ରିୟ, ଉଦାରଶୀଳ, ଦୟାଶୀଳ ରସୁଲ୍ ମହମ୍ମଦ୍ ସ.ଅଙ୍କର ସତ୍ୟତା ଓ ଶ୍ରେଷ୍ଠତା ତଥା ମହନୀୟତା ପ୍ରତିପାଦିତ କରିବା ପାଇଁ ଆବିର୍ଭାବ କରିଛନ୍ତି ।*

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଆଜିକାଲି ଜମାଅତମାନଙ୍କରେ ୟମେ ମୁସଲେହ୍ ମଉଦ୍ ର.ଅ ଅବସରରେ ଜଲସା ହେଉଅଛି । ଅର୍ଥାତ୍ ଏହି ଭବିଷ୍ୟବାଣୀକୁ ଭିତ୍ତି କରି ଯେଉଁଥିରେ କି  ଅଲ୍ଲାଃତାଲା ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କୁ ଏକ ପ୍ରତିଶୃତ ପୁତ୍ରର ସୁସମ୍ବାଦ ପ୍ରଦାନ କରିଥିଲେ । ଯାହାଙ୍କ ସଂପର୍କରେ ଅଲ୍ଲାଃତାଲା ବର୍ଣ୍ଣନା କରିଥିଲେ ଯେ, ସେ ସେହି ପୁତ୍ରକୁ ବିଶେଷ ଗୁଣାବଳୀଗୁଡ଼ିକର ଅଧିକାରୀ କରିବେ । ସେ ଧର୍ମର ଜଣେ ସେବକ ରୂପେ ବିବେଚିତ ହେବ ଏବଂ ଅଲ୍ଲାଃତାଲା ତାହାଙ୍କୁ ଦୀର୍ଘାୟୁ କରିବେ ଏବଂ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ମିଶନକୁ ସେ ଆଗେଇ ନେବେ । ଏହି ଭବିଷ୍ୟବାଣୀ ୨୦ ଫେବୃୟାରୀ ୧୮୮୬ ମସିହାର ଅଟେ । ଏହି ଭବିଷ୍ୟବାଣୀରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସପକ୍ଷରେ ଅଲ୍ଲାଃତାଲାଙ୍କର ଯେଉଁ ସମର୍ଥନ ଏବଂ ତାଙ୍କ ପ୍ରତି ଯେଉଁ ସତ୍ୟତା ରହିଥିଲା ତାହା ଏକ ବୃହତ୍ ନିଦର୍ଶନ ସ୍ୱରୂପ । ସୁତରାଂ ସେହି ପୁତ୍ର ସଂପର୍କରେ ଯେଉଁ ଭବିଷ୍ୟବାଣୀରେ ଯେଉଁ ସମୟ ନିର୍ଦ୍ଧାରିତ ହୋଇଥିଲା ତଦନୁଯାୟୀ ୧୨/ ଜାନୁୟାରୀ ୧୮୮୯ ମସିହାରେ ସେହି ପ୍ରତିଶୃତ ପୁତ୍ରର ଜନ୍ମଗ୍ରହଣ ହୋଇଥିଲା । ଯାହାଙ୍କର ନାମ ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ନାମକରଣ କରାଯାଇଥିଲା। ଯାହାଙ୍କୁ ଅଲ୍ଲାଃତାଲା ହଜରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ବିୟୋଗ ପରେ ଖିଲାଫତ୍ ପରି ପବିତ୍ର ଚାଦର ପିନ୍ଧାଇ ବା ପରିଧାନ କରାଇଥିଲେ । ହୁଜୁର୍ ଅନୱର୍ ଅ.ବ କହିଲେ : ଏହି ଭବିଷ୍ୟବାଣୀ କେବଳ ଗୋଟିଏ ପୁତ୍ର ସଂପର୍କରେ ନଥିଲା ବରଂ ଏକ ବିଶାଳ ଏବଂ ଭବ୍ୟ ପୁତ୍ରର ଜନ୍ମଲଗ୍ନ ସଂପର୍କରେ ଥିଲା ଯାହାଙ୍କର ଆଗମନ ଦ୍ୱାରା ଏକ ଆଧ୍ୟାତ୍ମିକ ଆନ୍ଦୋଳନର ମୂଳଦୁଆ, ସୂତ୍ରପାତ ହୋଇଥିଲା । ଏ ସଂକ୍ରାନ୍ତରେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଯେ, ଏଠାରେ ଆଖି ଖୋଲି ଦେଖିନେବା ଦରକାର ଯେ, ଏହା କେବଳ ଭବିଷ୍ୟବାଣୀ ନୁହେଁ ବରଂ ଏକ ମହାନ ଆକାଶୀୟ (ଐଶୀ) ନିଦର୍ଶନ । ଯାହାକୁ ସର୍ବଶକ୍ତିମାନ, ସଦାକରୁଣାମୟୀ ଅଲ୍ଲାଃତାଲା ରୂପୀ ଇଶ୍ୱର ଆମ୍ଭମାନଙ୍କର ପ୍ରିୟ, ଉଦାର, ଦୟାଶୀଳ ରସୁଲ୍ ମହମ୍ମଦ୍ ସ.ଅଙ୍କର ସତ୍ୟତା ଓ ଶ୍ରେଷ୍ଠତା ତଥା ମହନୀୟତା ପ୍ରତିପାଦିତ କରିବା ପାଇଁ ଆବିର୍ଭାବ କରିଛନ୍ତି ଏବଂ ପ୍ରକୃତରେ ଏହି ନିଦର୍ଶନ ଏକ ମୃତ ବ୍ୟକ୍ତିକୁ ଜୀବିତ କରିବା ଅପେକ୍ଷା ଅଧିକ ଏବଂ ପୂର୍ଣ୍ଣତମ, ଉତ୍ତମତର ଏବଂ ସଂପୂର୍ଣ୍ଣତମ ଅଟେ । କାରଣ ମୃତ ବ୍ୟକ୍ତିକୁ ଜୀବିତ କରିବାର ବାସ୍ତବତା ଏହିପରି ହିଁ ଅଟେ ଯେ, ଈଶ୍ୱରଙ୍କ ଦ୍ୱାରରେ ପ୍ରାର୍ଥନା କରି ଏକ ଆତ୍ମାକୁ ପୁନର୍ବାର ମର୍ତ୍ତ୍ୟଲୋକକୁ ଫେରାଇ ଅଣାଯାଉ । ଏଠାରେ ଈଶ୍ୱରଙ୍କ କୃପାରୁ ଏବଂ ତାଙ୍କରି ଉପକାର ବଳରେ ଏବଂ ଆଁହଜ଼ରତ୍ ଖାତମୁଲ୍ ଅନବିୟା ସ.ଅଙ୍କ ବରକତ୍ ଫଳରେ ଏହି ଅଧମର ପ୍ରାର୍ଥାନକୁ ଅଲ୍ଲାଃତାଲା ସ୍ୱୀକାର କରି ଏପରି ମଙ୍ଗଳମୟ ଆତ୍ମାକୁ ପ୍ରେରଣ କରିବାର ପ୍ରତିଶୃତି ପ୍ରଦାନ କରିଛନ୍ତି ଯାହାଙ୍କର ବାହ୍ୟ ଏବଂ ଅନ୍ତଃ ବରକତଗୁଡ଼ିକ ସମଗ୍ର ଭୁପୃଷ୍ଠରେ ବ୍ୟାପି ଯିବ ।

ହୁଜୁର୍ ଅନୱର୍ କହିଲେ ସୁତରାଂ ଅଲ୍ଲାଃତାଲାଙ୍କ ଠାରୁ କୌଣସି ସାଧାରଣ ପବିତ୍ରାତ୍ମା ସଂପର୍କରେ ଦାବି କରଯାଇ ନଥିଲା ବରଂ ଏକ ନିଦର୍ଶନର ଦାବି କରାଯାଇଥିଲା। ଯାହାର ଉତ୍ତର ସ୍ୱରୂପ ଅଲ୍ଲାଃତାଲା ଅନେକ ଗୁଣର ଅଧିକାରୀ ଥିବା ପୁତ୍ରର ଜନ୍ମ ସଂପର୍କରେ ସୂଚନା ଦେଇଥିଲେ । ଏଭଳି ଏକ ମହାନ ପୁତ୍ର ସଂମ୍ପର୍କରେ ସୂଚନା ଦିଆଯାଇଥିଲା ଯିଏକି ଦୀର୍ଘାୟୁ ହେବ ଏବଂ ଅତ୍ୟନ୍ତ ବୀଚକ୍ଷଣ ଓ ବୁଦ୍ଧିମାନ୍ ହେବ ଏବଂ ପବିତ୍ର, ସୌନ୍ଦର୍ଯ୍ୟ ଏବଂ ଧନୀକ, ତଥା ଭବ୍ୟତାର ଅଧିକାରୀ ହୋଇଥିବ ଯାହାଠାରୁ ଏ ଜାତି ଲାଭବାନ୍ ହେବ । ସେ ଅନ୍ତଃ ଓ ଆନ୍ତ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହୋଇଥିବ । ଅଲ୍ଲାଃତାଲାଙ୍କର ବାକ୍ୟ ଅର୍ଥାତ୍ କୁରଆନ୍ କରୀମର ଅତୀବ ଗଭୀର ଚିନ୍ତନ ଓ ଜ୍ଞାନ ତାହାକୁ ପ୍ରଦାନ କରଯାବି ଏବଂ ସେହି ଇଶ୍ୱରଦତ୍ତ ବୁଦ୍ଧିମତାକୁ ବିନିଯୋଗ କରି ତାଙ୍କୁ କୁରଆନ କରୀମର ଏପରି ଭବ୍ୟ ଓ ଉତ୍କୃଷ୍ଟ ଧରଣର ସେବା କରିବାର ସୌଭାଗ୍ୟ ଅର୍ଜନ ହେବ ଯେପରି ଅଲ୍ଲାଃତାଲାଙ୍କ ବାକ୍ୟର ମର୍ଯ୍ୟାଦା ସଂସାର ସମ୍ମୁଖରେ ପ୍ରକାଶ୍ୟ ହେବ । ସେ ବନ୍ଦୀ ମାନଙ୍କୁ ମୁକୁଳାଇବାର କାରଣ ସାଜିବେ । ତାଙ୍କ ଜୀବନକାଳରେ ଆନ୍ତର୍ଜାତୀୟ ବିନାଶର ଆଗମନ ଘଟିବ । ଯାହାକି ସମଗ୍ର ବିଶ୍ୱକୁ ତାପ ଦଗ୍ଧ କରି

ପକାଇବ । ସେ ପୃଥିବୀର କୋଣଅନୁକୋଣ ପର୍ଯ୍ୟନ୍ତ ପ୍ରସିଦ୍ଧି ଲାଭ କରିବେ । ହୁଜୁର୍ ଅନୱର୍ କହିଲେ : ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କର ଶିକ୍ଷାଗତ ଯୋଗ୍ୟତାର ଯେଉଁ ବିଷୟ ରହିଛି , ସେ ନାଜ଼ରାହ୍ (ମୌଖିକ) କୁରଆନ୍ କରୀମ ପଠନ କରିବା ପରେ ତାଙ୍କୁ ନିୟମିତ ଭାବେ ସ୍କୁଲରେ ପ୍ରବେଶ ହୋଇ ପ୍ରଚଳିତ ସାଂସାରିକ ଶିକ୍ଷା ପାଇବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସେ ନିଜ ଘରେ ମଧ୍ୟ ଘରୋଇ ଶିକ୍ଷକମାନଙ୍କ ଠାରୁ ଉର୍ଦ୍ଦୁ ଇଂରାଜୀର ଅନୁକମ୍ପାମୂଳକ ଶିକ୍ଷା ପ୍ରାପ୍ତ କରିଥିଲେ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋ ଶିକ୍ଷା ସଂପର୍କରେ ମୋ ଉପରେ ସବୁଠୁ ବଡ଼ ଉପକାର ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ସେ ଜଣେ ବୈଦ୍ୟ ଥିଲେ ଏବଂ ସେ ଏ କଥାକୁ ଭଲଭାବରେ ଜାଣିଥିଲେ ଯେ, ମୋର ସ୍ୱାସ୍ଥ୍ୟ ସେତେଟା ଭଲ ନଥିଲା ଯେ, ମୁଁ ପୁସ୍ତକାଦି ଆଡ଼କୁ ଅଧିକ ସମୟ ଧରି ଦେଖିପରୁଥିଲି । ଏହି କାରଣରୁ ତାଙ୍କର ଏହି ଅଭ୍ୟାସ ଥିଲା ଯେ, ସେ ମୋତେ ନିଜ ପାଖରେ ବସାଇ ନେଉଥିଲେ ଏବଂ କହୁଥିଲେ ଯେ, ମିଆଁ ପଢିଚାଲିବି ଆଉ ତୁମେ ଶୁଣି ଚାଲ । ଏହାର କରାଣ ଥିଲା ଯେ, ଶୈଶବାସ୍ଥାରେ ମୋ ଚକ୍ଷୁରେ ବହୁତ ସଂକ୍ରମଣ ଯୋଗୁଁ ମୁଁ ବହୁତ ଯନ୍ତ୍ରଣା ଅନୁଭବ କରୁଥିଲି ଏବଂ ନିରନ୍ତର ଚାରି ବର୍ଷ ପର୍ଯ୍ୟନ୍ତ ମୋ ଚକ୍ଷୁରେ ଯନ୍ତ୍ରଣା ହେଉଥିଲା ଏବଂ ଏପରି ଯନ୍ତ୍ରଣା ହେଉଥିଲା ଏହି ସଂକ୍ରମଣ ଯୋଗୁଁ ଡ଼ାକ୍ତର କହିଲେ ଯେ, ଏହି ବାଳକର  ଦୃଷ୍ଟିଶକ୍ତି ନଷ୍ଟ ହୋଇଯିବ । ଏହି ରୋଗର ପ୍ରଭାବ ଏବଂ ଏହାର ଅହରହ ଆକ୍ରମଣ ଫଳରେ ମୋ ଚକ୍ଷୁର ଗୋଟିଏ ପାର୍ଶ୍ୱର ଦୃଷ୍ଟିଶକ୍ତି ଚାଲିଗଲା ଅର୍ଥାତ୍ ମୁଁ ଦୃଷ୍ଟିଶକ୍ତି ହରାଇ ବସିଲି । ସୁତରାଂ ମୋର ଚକ୍ଷୁର ବାମପାର୍ଶ୍ୱର ଦୃଷ୍ଟିଶକ୍ତି ନାହିଁ ମୁଁ ବାଟ ତ' ଦେଖିପାରେ କିନ୍ତୁ ସଠିକ ରୂପେ ପୁସ୍ତକ ପଢିପାରେ ନାହିଁ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ମୋର ଶିକ୍ଷକମାନଙ୍କୁ କହିଦେଲେ ଯେ, ପାଠ ବାଳକର ଇଚ୍ଛାନୁଯାୟୀ ହିଁ ହେବ । ସେ ଯେତେ ପାଠ ପଢିବାକୁ ଚାହୁଁଛି ପଢୁ । ଯଦି ସେ ନପଢେ ତେବେ ତାହା ଉପରେ ଚାପ ପ୍ରୟୋଗ ନ କରାଯାଉ । କାରଣ ତାହାର ସ୍ୱସ୍ଥ୍ୟାବସ୍ଥା ଏପରି ଭଲ ନାହିଁ ଯେ, ସେ ପାଠର ବୋଝ ବହନ କରିପାରିବ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ବାରମ୍ବାର ମୋତେ କେବଳ ଏତିକି (ମୁସଲେହ୍ ମଉଦ୍ ର.ଅଙ୍କୁ) କହୁଥିଲେ ଯେ, ତୁମେ କୁରଆନ୍ କରିମର ଅନୁବାଦ ଏବଂ ବୁଖାରୀ ହଜ଼ରତ୍ ମୌଲବୀ ଅଲହାଜ୍ ନୁରୁଦ୍ଦୀନ୍ ର.ଅଙ୍କ ଠାରୁ ହିଁ ପାଠ କର । ଆପଣ ଏହା ମଧ୍ୟ କହିଥିଲେ ଯେ, ତାଙ୍କ ଠାରୁ ବୈଦ୍ୟ ବା ଔଷଧ ବିଜ୍ଞାନ ସଂପର୍କିତ ବିଦ୍ୟା ମଧ୍ୟ ଶିକ୍ଷା କରିନିଅ । କାରଣ ଏହା ଆମମାନଙ୍କର ବଂଶଗତ କଳା ଓ ପରମ୍ପରା ଅଟେ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମାଷ୍ଟର ଫକିରୁଲ୍ଲାଃ ସାହେବ୍ ଆମ ଗଣିତ ଶିକ୍ଷକ ଥିଲେ । ଏକଦା ସେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ନିକଟରେ ମୋ ବିରୁଦ୍ଧରେ ଅଭିଯୋଗ କଲେ ଯେ, ହୁଜୁର୍ ଏ ବାଳକ ଜମା କଛି ପାଠ ପଢୁ ନାହିଁ । କେତେବେଳେ ମଦରସାରେ ଆସୁଛି ତ ଆଉ କେତେବେଳେ ଆସୁ ନାହିଁ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୋର ମନେଅଛି ଯେ, ଯେତେବେଳେ ମାଷ୍ଟର ସାହେବ୍ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ନିକଟରେ ମୋ ବିରୁଦ୍ଧରେ ଏହି ଅଭିଯୋଗ ଆଣିଥିଲେ ସେତେବେଳେ ମୁଁ ଭୟଭୀତ ହୋଇ ଲୁଚି ଯାଇଥିଲି । ଆଉ ମୋତେ ଏହା ଜଣା ନଥିଲା ଯେ, ହଜ଼ରତ୍ ମସିହ୍ ମଉଦ୍ ଅ.ସ କେତେ ମାତ୍ରାରେ କ୍ରୋଧିତ ହେବେ । କିନ୍ତୁ ମସିହ୍ ମଉଦ୍ ଯେତେବେଳେ ଏହି କଥା ଶୁଣିଲେ ସେତେବେଳେ ସେ କହିଲେ ଯେ, ଆପଣ ମୋ ପିଲାର ଏତେ ଯତ୍ନ ନେଇଛନ୍ତି ତେଣୁ ମୁଁ ଆପଣଙ୍କର ନିକଟରେ କୃତଜ୍ଞ ଏବଂ ମୁଁ ଆପଣଙ୍କ କଥାଶୁଣି ବହୁତ ପ୍ରସନ୍ନ ହେଲି ଯେ, ମୋର ଏହି ପୁତ୍ର ବେଳେବେଳେ ମଦରସାକୁ ଚାଲିଯାଉଛି । ଏହା ତ' ବହୁତ ଭଲ କଥା ତ' ସେ ବେଳେବେଳେ ମଦରସାକୁ ଚାଲିଯାଉଛି ନହେଲେ ମୋ ନିକଟରେ ତ' ତା'ର ଏପରି ସ୍ୱାସ୍ଥ୍ୟାବସ୍ଥା ରହିଛି ଯେ, ସେ ପାଠ ପଢିବା ପାଇଁ ସକ୍ଷମ ନୁହେଁ । ପୁନଶ୍ଚ ହଜ଼ରତ୍ ମସିହ୍ ମଉଦ୍ ଅ.ସ ପ୍ରସନ୍ନ ହୋଇ କହିଲେ ଯେ, ଏହି ବାଳକ ଦ୍ୱାରା ଆମେ କ'ଣ ଅଟା ଡାଲିର ଦୋକାନ ଖୋଲିବୁ ? ଯେ, ଏହି ପିଲାକୁ ଗଣିତ ଶିକ୍ଷା ଦିଆଯିବ । ତାକୁ ଗଣିତ ଆସୁ ବା ନଆସୁ, କିଛି ଅସୁବିଧା ନାହିଁ । ପୁନଶ୍ଚ କହିଲେ ଯେ, ରସୁଲ୍ କରିମ୍ ସ.ଅ ଅଥବା ତାଙ୍କର ସାହାବାମାନେ କ'ଣ ଗଣିତ ଶିକ୍ଷା କରିଥିଲେ ? ଯଦି ଏହି ବାଳକଟି ମଦରସାକୁ ଚାଲିଯାଏ ତେବେ ତାହାହେଲେ ତ' ଖୁବ୍ ଭଲ କଥା । ନହେଲେ କିଛି କଥା ନାହିଁ । ଏହା ଶୁଣି ମାଷ୍ଟର ସାହେବ୍ ଫେରି ଆସିଲେ । ମୁଁ ଏହି କୋହଳ ନୀତି ଯୋଗୁଁ ଏହାର ଦୁରୁପଯୋଗ କରି ଏବଂ ମଦରସା ଯିବା ଛାଡ଼ିଦେଲି । ମୁଁ ଗୋଟିଏ ମାସରେ ଇଚ୍ଛାନୁଯାୟୀ କେବେକେବେ ମଦରସା ଚାଲିଯାଉଥିଲି । ସୁତରାଂ ଏହିପରି ମୋର ପ୍ରାରମ୍ଭିକ ଶିକ୍ଷା ଆରମ୍ଭ ହୋଇଥିଲା । କାରଣ ମୁଁ ବାସ୍ତବ ପକ୍ଷରେ କହିବାକୁ ଗଲେ ନିରୁପାୟ ଓ ଅସହାୟ ମଧ୍ୟ ଥିଲି । କାରଣ ଶୈଶାବସ୍ଥାରେ ମୋର ଚକ୍ଷୁ ସମସ୍ୟା ବ୍ୟତୀତ ହୃତପିଣ୍ଡ ସଂକ୍ରମଣର ରୋଗ ମଧ୍ୟ ମୋତେ ରୋଗାକ୍ରାନ୍ତ କରିଥିଲା ଏବଂ ମୁଁ ୬, ୬ ମାସ ଧରି ମୁଗ ଡ଼ାଲିର ପାଣି ଓ ଶାଗର ପାଣି ମୋତେ ପିଇବାକୁ ଦିଆଯାଉଥିଲା । ପୁନଶ୍ଚ ଏହାସହିତ ତିଳି (ପ୍ଲୀହା/spleen) ବ୍ୟାଧି ମଧ୍ୟ ବଢିଯାଇଥିଲା । ରେଡ୍ ଆୟୋଡ଼ିନ୍ ଅଫ୍ ମରକ୍ୟୁରୀର

ତିଲି (ପ୍ଲୀହା/spleen) ସ୍ଥାନରେ ମର୍ଦ୍ଦନ କରାଯଉଥିଲା । ସେହିପରି ବେକରେ ମଧ୍ୟ ସେହି ରସାୟନ ମର୍ଦ୍ଦନ କରାଯାଉଥିଲା । କାରଣ ମୋତେ ଗ୍ରନ୍ଥୀ ସମ୍ବନ୍ଧୀୟ ବା ଗଳଗଣ୍ଡ ରୋଗର ସମସ୍ୟା ଥିଲା। ତେଣୁ ଚକ୍ଷୁ ସମସ୍ୟା, ହୃତପିଣ୍ଡ ସଂକ୍ରମଣ, ପ୍ଲୀହା ରୋଗର ସମସ୍ୟା ଓ ଏଥିସହିତ ଜ୍ୱର ଆରମ୍ଭ ହୋଇଯିବା ପରି ସମସ୍ୟା ସହ ମୁଁ ଦୀର୍ଘ ୬, ୬ ମାସ ବ୍ୟାପି ପ୍ରପୀଡ଼ିତ ରହୁଥିଲି ଏବଂ ଏହି ଜ୍ୱରରୁ ମୁଁ ମୁକୁଳି ପାରୁ ନଥିଲି । ଫଳସ୍ୱରୂପ ମୁରବୀମାନେ ନିଷ୍ପତ୍ତି ନେଲେ ଯେ, ଏ ବାଳକ ଯେତେ ପଢିବାକୁ ଚାହୁଁଛି ସେତିକି ପଢୁ । ଏହି ବାଳକ ଉପରେ ଅଧିକ ଚାପ ପ୍ରୟୋଗ କରା ନଯାଉ । ଏହିଭଳି ପରିସ୍ଥିତିରୁ ଆକଳନ କରଯାଇପାରୁଥିବ ଯେ, ମୋର ଶିକ୍ଷାଗତ ଯୋଗ୍ୟତ କେତେ ଥିବ ଏବଂ ମୋ ଶିକ୍ଷାର କ'ଣ ଅବସ୍ଥା ଥିବ ?

ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ସର୍ବଦା ମୋତେ କହୁଥିଲେ ଯେ, ମିଆଁ ତୁମର ସ୍ୱାସ୍ଥ୍ୟାବସ୍ଥା ଏପରି ନାହିଁ ଯେ, ତୁମେ ନିଜେ ପଢିପାରିବ । ତେଣୁ ତୁମେ ମୋ ନିକଟକୁ ଚାଲିଆସିବ ମୁଁ ପଢି ଚାଲିବି ଆଉ ତୁମେ ଶୁଣି ଚାଲିବ । ସୁତରାଂ ସେ ଜୋରେ ଦେଇ ପ୍ରଥମେ କୁରଆନ୍ ପଢେଇଲେ ଏବଂ ପରେ ବୁଖାରୀ ପଢେଇଲେ । ଆପଣ କେବଳ ଧୀରେ ଧୀରେ ମୋତେ କୁରଆନ୍ ପଢେଇ ନଥିଲେ ବରଂ ତାଙ୍କର ଏହି ଶୈଳୀ ଥିଲା ଯେ, ଆପଣ କୁରଆନ୍ ପଢି ଚାଲୁଥିଲେ ଏବଂ ତତ୍ ସଙ୍ଗେସଙ୍ଗେ ଏହାର ଅନୁବାଦ ମଧ୍ୟ କରିଚାଲିଥିଲେ । ଯଦି କୌଣସି କଥାକୁ ସେ ଆବଶ୍ୟକ ବୋଲି ମନେ କରୁଥିଲେ ତେବେ ସେ ଏହା ସଂପର୍କରେ ବିସ୍ତୃତ ଚର୍ଚ୍ଚା କରୁଥିଲେ । ନହେଲେ ଶୀଘ୍ର ଶୀଘ୍ର ପଢଉଥିଲେ । ସେ ତିନି ମାସରେ ମୋତେ ସମ୍ପୂର୍ଣ୍ଣ କୁରଆନ୍ ପଢେଇ ଶେଷ କରିଦେଇଥିଲେ । ମୁଁ ତାଙ୍କ ଠାରୁ ଔଷଧୀୟ ବିଜ୍ଞାନ ଶିକ୍ଷା ଗ୍ରହଣ କରିଥିଲି ଓ କୁରଆନ୍ କରୀମର ବ୍ୟାଖ୍ୟା ମଧ୍ୟ ଅଧ୍ୟୟନ କରିଥିଲି । ସେ କୁରଆନ୍ କରୀମର ତଫସିର୍ ୨ ମାସରେ ଶେଷ କରେଇ ଦେଇଥିଲେ । ସେ ମୋତେ ନିଜ ପାଖରେ ବସେଇ ଦେଉଥିଲେ ଏବଂ କେତେବେଳେ ଅର୍ଦ୍ଧ ପାରାହ୍ ଏବଂ ଆଉ କେତେବେଳେ ସଂପୂର୍ଣ୍ଣ ପାରାହ୍ ଅନୁବାଦରୁ ପଢି ମୋତେ ଶୁଣାଉଥିଲେ । ଗୋଟିଏ ଗୋଟିଏ ଆୟତର ମଧ୍ୟ ସେ ବ୍ୟାଖ୍ୟା କରିଦେଉଥିଲେ । ସେହିପରି ସେ ବୁଖାରୀକୁ ମଧ୍ୟ ୨,୩ ମାସରେ ଶେଷ କରେଇ ଦେଇଥିଲେ । ଏକଦା ସେ ରମଜ଼ାନ୍ ମାସରେ ସଂପୂର୍ଣ୍ଣ କୁରଆନର ଦରସ୍ (ପାଠୋପଦେଶ) ଦେଇଥିଲେ । ସେତେବେଳେ ସେହି ଦରସରେ ମୁଁ ମଧ୍ୟ ଶାମିଲ୍ ହୋଇଯାଇଥିଲି । କେତେଗୁଡ଼ିଏ ଆରବୀ ପତ୍ରିକା ମଧ୍ୟ ମୁଁ ତାଙ୍କ ଠାରୁ ଶିକ୍ଷା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସୁତରାଂ ଏହା ହିଁ ମୋର ଶିକ୍ଷାଗତ ଯୋଗ୍ୟତା ଥିଲା । ହୁଜୁର୍ ଅନୱର୍ କହିଲେ ଯେ, ତାଙ୍କର (ମୁସଲେହ୍ ମଉଦ୍ ର.ଅଙ୍କର) ଭାଷଣ, ଉଦବୋଧନ, ତାଙ୍କର ଲେଖନୀ, ତାଙ୍କର ତଫସୀର୍ କୁରଆନ୍ ଏହାର ଏକ ଜ୍ୱଳନ୍ତ ପ୍ରମାଣ ସଦୃଶ ଯେ, ଅଲ୍ଲାଃତାଲା ହିଁ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କୁ ପଢେଇଥିଲେ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ଜୀବନକାଳରେ ଯେଉଁ ୧୯୦୬ ମସିହାରେ ଜଲସା ସାଲାନା ହୋଇଥିଲା ସେହି ଜଲସାରେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ପ୍ରଥମ ସର୍ବସାଧାରଣ ଭାଷଣ ଦେଇଥିଲେ । ହଜ଼ରତ୍ କ୍ୱାଜ଼ି ମହମ୍ମଦ୍ ଜ଼ହୁରୁଦ୍ଦୀନ୍ ଅକମଲ୍ ସାହେବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୁୱତର ରାଶିଚକ୍ର ବା ଗମ୍ବୁଜ ଆଲୋକମୟ ତାରା, ରିସାଲତ୍ ଠାରୁ ମଧ୍ୟ ଉଚ୍ଚ, ପ୍ରକାଶବାନ୍ କାନ୍ତି ବା ରତ୍ନ ମହମୁଦ୍ ସଲ୍ଲମହୁ (ଅଲ୍ଲାଃତାଲା ତାଙ୍କ ଉପରେ ବା ପ୍ରତି ଶାନ୍ତି ଅବତୀର୍ଣ୍ଣ କରନ୍ତୁ) ବିଶିଷ୍ଟ ମିତ୍ର ଶିରକ୍ ଉପରେ ଭାଷଣ ଦେବା ପାଇଁ ଛିଡ଼ା ହେଲେ । ମୁଁ ତାଙ୍କର ଭାଷଣ ସଂପର୍କରେ କିପରି ବର୍ଣ୍ଣନା କରିବି ଯେ, ଏହି ଭାଷଣଟି ଉଚ୍ଚକୋଟିର ଲାଳିତ୍ୟ ସମ୍ପନ୍ନର ଏକ ଅପରିମିତ ସମୁଦ୍ର ଥିଲା ଯାହାକି ଖୁବ୍ ଜୋରରେ ପ୍ରବାହିତ ହେଉଥିଲା । ବାସ୍ତବରେ ଏତେ ସ୍ୱଳ୍ପ ବୟସରେ ତାଙ୍କ ଚିନ୍ତାଧାରାରେ ଏଭଳି ପରିପକ୍ୱତା କୌଣସି ଚମତ୍କର ଠାରୁ କିଛି କମ୍ ନୁହେଁ । ମୋ ମତରେ ଏହା ମଧ୍ୟ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବା ନିଦର୍ଶନ ଅଟେ । ସୁତରାଂ ଏଥିରୁ ସ୍ପଷ୍ଟ ହୁଏ ଯେ, ମସିହ୍ ହିୟତ୍ ମାଆବ୍ (ଖ୍ରୀଷ୍ଟିୟତ୍ତ୍ୱର ଶ୍ରେଷ୍ଠତାର) ସଂସ୍କାରର ଯାହାକି ପ୍ରତ୍ୟେକ ଦୃଷ୍ଟିକୋଣରୁ ପୂର୍ଣ୍ଣୋତ୍ତରର ଶ୍ରେଣୀକୁ ଉନ୍ନୀତ ହୋଇସାରିଛି । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ସେହିସବୁ ଆଧ୍ୟାତ୍ମିକ ଓ ଅପୂର୍ବ ଅଲୌକିକ ପୂର୍ଣ୍ଣ ଚମତ୍କାର ଉପରେ ଏପରି ଅଦ୍ଭୁତ ଢଙ୍ଗରେ ବିତର୍କ ଆରମ୍ଭ କେଲେ ଯେ, ଯାହାର ପ୍ରମାଣ ଦୁର୍ଲଭ ଅଟେ ।

ସେ କାଳରେ ତାଙ୍କର ଧାର୍ମିକ ତନ୍ମୟତା, ତତ୍ପରତା ଏବଂ ଉତ୍ସାହ ଓ ମାନସିକ ଏବଂ ଆଧ୍ୟାତ୍ମିକ ବିକାଶ ଏହା ସୂଚାଉଥିଲା ଯେ, ଭବିଷ୍ୟବାଣୀର ଅକ୍ଷର ଯେ, "وہ جلد جلد بڑھیگا" ସେ ଶୀଘ୍ର ଶୀଘ୍ର ବଡ଼ ହୋଇଯିବ, ତାଙ୍କ ଠାରେ ହିଁ ଚରିତାର୍ଥ ହୋଇଥିଲା । ସୁତରାଂ ହଜ଼ରତ୍ ମସିହ୍ ମଉଦ୍ ଅ.ସ ମଧ୍ୟ ଏହି ଧାର୍ମିକ ଉତ୍ସାହ ଓ ଉଦ୍ଦୀପନାକୁ ତଥା ଉନ୍ମାଦନା ଅନୁଭବ କରି କହିଲେ ଯେ, ମିଆଁ ମହମୁଦଙ୍କ ଠାରେ ଏପରି ଉତ୍ସାହ ଓ ଉନ୍ମାଦନା ଦେଖିବାକୁ ମିଳେ ଯେ, ମୁଁ ବେଳେବେଳେ ମୁଁ ତାଙ୍କ ପାଇଁ ବିଶେଷରୂପେ ପ୍ରାର୍ଥନା ମଧ୍ୟ କରିଥାଏ । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉର୍ ରାବେ ର.ଅ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଯେଉଁ ଜୀବନୀ ଲେଖଛନ୍ତି ତହିଁରେ ସେ ଏକ ସ୍ଥାନରେ ଉଲ୍ଲେଖ କରନ୍ତି ଯେ, ଖିଲାଫତେ ଉଲାର ପ୍ରାରମ୍ଭିକ ପର୍ଯ୍ୟାୟରେ ହଜ଼ରତ୍ ସାହେବ୍ ଜ଼ାଦାଙ୍କର ବୟସ ୧୯ ବର୍ଷ ଥିଲା ଏବଂ ହଜ଼ରତ୍ ଖଲିଫତୁଲ୍

ମସିହିଲ୍ ଅୱଲ୍ ର.ଅଙ୍କ ଅକାଳ ବିୟୋଗ ସମୟରେ ସେ ନିଜ ବୟସର ୨୬ତମ ବର୍ଷରେ ପଦାର୍ପଣ କରିସାରିଥିଲେ । ଏହି ନବ ବୟସ ସୀମା ମଧ୍ୟରେ ତାଙ୍କର ଭାଷଣ ଓ ଲେଖନୀର ଯେଉଁ ରୂପ ବୈଭବ ଥିଲା ତାହାର କେତେକ ଦୃଷ୍ଟାନ୍ତ ମୁଁ ଏଠାରେ ଉପସ୍ଥାପିତ କରିଦେବାକୁ ଚାହେଁ । ତାଙ୍କର ଚିନ୍ତାଧାରା ଓ ଚେତନାରେ ଏକପ୍ରକାରର ସୁଉଚ୍ଚ ସାତ୍ତ୍ୱିକ, ଚିନ୍ତକ ବା ବିଚାରକ ପରି ପରିପକ୍ୱତା ଆସିଯାଇଥିଲା । ତାଙ୍କର ଶବ୍ଦ ସଂଯୋଜନା ପ୍ରଭାବଶାଳୀ, ସାଂସ୍କୃତିକ ଏବଂ ନୈଷ୍ଠିକତାର ଏକ ହାରରେ ଗୁନ୍ଥି ହୋଇଥିବା ରତ୍ନ ସଦୃଶ । ତାଙ୍କର କଥନ ଭଙ୍ଗୀ କୃତ୍ରିମତା ଠାରୁ ଅପରିଚିତ ଥିଲା ଏବଂ ଲେଖନୀ ଆଡମ୍ବରତାରୁ ପବିତ୍ର ଥିଲା । ଭାଷଣ ସ୍ୱଭାବତଃ ପ୍ରବାହମାନ ଥିଲା ଏବଂ ଲେଖନୀର ସରଳତା ଏକ ପ୍ରବାହିତ ନଦୀର ଜଳସ୍ରୋତ ପରି ଥିଲା । ତାଙ୍କ ଉପରୋକ୍ତ ବୈଶିଷ୍ଟ୍ୟ ଅର୍ଥାତ୍ ଲେଖନୀ ଓ ଭାଷଣ ଉଭୟ କୁରଆନୀୟ ଜ୍ଞାନ ଓ ବିଦ୍ୱତା ,ବୁଦ୍ଧିମତା ଏବଂ ସାଷ୍ଟବତାର ଜଳ ଦ୍ୱାରା ପରିପୂର୍ଣ୍ଣ ଓ ହୃଦୟ ଏବଂ ମସ୍ତିଷ୍କକୁ ଏକ ସମୟରେ ହିଁ  ସିଞ୍ଚିତ ବା ତୃପ୍ତ କରୁଥିଲେ । ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ୧୯ ବର୍ଷ ବୟସରେ ସେ ଯେଉଁ ପ୍ରଥମ ଭାଷଣ ଦେଇଥିଲେ ତତ୍ ସଂକ୍ରାନ୍ତରେ ହଜ଼ରତ୍ ମୌଲବୀ ଶେର୍ ଅଲୀ ସାହେବ୍ ର.ଅ ଉଲ୍ଲେଖ କରନ୍ତି ଯେ, ଆଉ ଏକ ଘଟଣାର ଅବତାରଣା ଯାହାର ମୁଁ ଏହି ବିଷୟରେ ଏଠାରେ ଚର୍ଚ୍ଚା କରିଦେବାକୁ ଚାହେଁ ଯେ, ତାହା ହଜ଼ରତ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କର ପ୍ରଥମ ଭାଷଣ ଅଟେ ଯାହାକୁ ମୁସଲେହ୍ ମଉଦ୍ ର.ଅ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ପ୍ରଥମ ଜଲସା ସାଲନା ଅବସରରେ ଭାଷଣ ଦେଇଥିଲେ । ଏହି ଜଲସା ମଦରସା ଅହମଦିୟାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ହୁଜୁର୍ (ମୁସଲେହ୍ ମଉଦ୍) ର.ଅଙ୍କ ମଞ୍ଚର ଦକ୍ଷିଣ ପାର୍ଶ୍ୱରେ ବିରାଜମାନ ଥିଲେ । ଏହି ଭାଷଣ ସଂପର୍କରେ  ଦୁଇଟି କଥା ଅତ୍ୟନ୍ତ ବର୍ଣ୍ଣନୀୟ ଅଟେ । **ପ୍ରଥମତଃ** ଯେ, ସେତବେଳେ ତାଙ୍କର ସ୍ୱର ଓ ତାଙ୍କର ଚାହାଣୀ ଏବଂ ତାଙ୍କର କଥନଭଙ୍ଗୀ, ଭାଷଣ ଶୈଳୀ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସ୍ୱର, ଭାଷଣ ଶୈଳୀ ସହିତ ଏପରି ଗଭୀର ଭାବରେ ସାଦୃଶ୍ୟତା ପରିଲକ୍ଷିତ ହେଉଥିଲା ଯେ, ଯେପରି ଶ୍ରୋତାମଣ୍ଡଳୀମାନଙ୍କ ମନରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର ସ୍ମୃତି ଯାହାଙ୍କ ମୃତ୍ୟୁକୁ କିଛି ଅବଧି ହିଁ ହୋଇଥିଲା କି ସ୍ମୃତି ସତେଜ ହୋଇଗଲା ଏବଂ ଶ୍ରୋତାମଣ୍ଡଳୀମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ରହିଥିଲେ ଯେଉଁମାନେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସ୍ୱରକୁ ମନେପକାଇ ସେମାନଙ୍କ ଆଖିରୁ ଅଶ୍ରୁଧାରା ବହିବାକୁ ଲାଗିଲା । ଯେଉଁ ସ୍ୱର ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ କଣ୍ଠରୁ ଓ ଓଷ୍ଠରୁ ଉଚ୍ଚାରିତ ହେଉଥିଲା । ଯେପରି ସେହି ଶବ୍ଦ ଓ ସ୍ୱର ଗ୍ରାମୋଫୋନରୁ ଜଣେ ଅଦୃଶ୍ୟ ବ୍ୟକ୍ତିର ସ୍ୱର ପରି ନିର୍ଗତ ବା ଉଚ୍ଚାରିତ ହେଉଥିଲା ଠିକ୍ ସେହିପରି ସେହି ସ୍ୱର ଶ୍ରୋମଣ୍ଡଳୀଙ୍କ ନିକଟରେ ପହଞ୍ଚୁଥିଲା । ସୁତରାଂ ଶ୍ରୋମଣ୍ଡଳୀଙ୍କ ଚକ୍ଷୁରୁ ଅଶ୍ରୁ କ୍ଷରିତ ହେବାକୁ ଲାଗିଲା ଏବଂ ସେହି ଅଶ୍ରୁ କ୍ଷରଣକାରୀଙ୍କ ମଧ୍ୟରେ ଏହି ତୁଚ୍ଛ ମଧ୍ୟ ଉପସ୍ଥିତ ଥିଲା । **ଦ୍ୱତୀୟତଃ** ଯେ, ଯେତେବେଳେ ମୁଲେହ୍ ମଉଦ୍ ର.ଅଙ୍କର କ୍ଷାଷଣ ଶେଷ ହୋଇଗଲା ସେତେବେଳେ ହଜ଼ରତ୍ ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଯାହାଙ୍କ ସମଗ୍ର ବୟସ କୁରଆନ୍ କରୀମ୍ ଉପରେ ଗଭୀର ଚିନ୍ତନ କରିବାରେ ବ୍ୟୟ ହୋଇଥିଲା ଏବଂ ଯାହାଙ୍କ ଆତ୍ମିକ ଖାଦ୍ୟ କୁରଆନ୍ ହିଁ ଥିଲା, କହିଲେ ମିଆଁ ଏଭଳି ଅନେକ ଆୟତର ତଫସିର୍ (ବ୍ୟାଖ୍ୟା) କରିଛନ୍ତି ଯାହା ମୋ ପାଇଁ ମଧ୍ୟ ନୂତନ ଥିଲା। ସୁତରାଂ ଏହି ଆଧ୍ୟାତ୍ମିକ ଓ ଅଲୌକିକ ଜ୍ଞାନ, ବିଦ୍ୟା ତଥା ଐଶ୍ୱର୍ଯ୍ୟିକ ପରିଚୟ ସେହି ଯୁବ ବାଳକକୁ କିଏ ଶିଖାଇ ଥିଲେ । ସେହି ଯୁବ ବାଳକଟି ଯିଏ କୁରଆନ୍ ଶରୀଫରେ ହଜ଼ରତ୍ ୟୁସୁଫ୍ ଅ.ସଙ୍କ ସଂପର୍କରେ ଉଲ୍ଲେଖ କରନ୍ତି ଯେ, **ୱଲମ୍ମା ବଲଗା ଅଶୁଦ୍ଦହୁ ଆତୈନାହୁ ହୁକମଉଁ ୱ ଇଲମା, ୱ କଜ଼ାଲିକା ନଜଜ଼ିଲ୍ ମୁହସିନିନ୍ (23:سورة يوسف)** ଅର୍ଥାତ୍, ଏବଂ ସେ ପ୍ରାପ୍ତ ବୟସ୍କ ହେବାରୁ, ଆମ୍ଭେ ତାହାଙ୍କୁ ମୀମାଂସା (କରିବା ଶକ୍ତି) ଓ (ସ୍ୱତନ୍ତ୍ର) ଜ୍ଞାନ ପ୍ରଦାନ କଲୁ ଏବଂ (ପ୍ରକୃତ) ପୁଣ୍ୟବାନ୍ ଲୋକମାନଙ୍କୁ ଆମ୍ଭେ ଏହିପରି ପୁରସ୍କାର ପ୍ରଦାନ କରିଥାଉ । ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ କେବଳ ସାଧାରଣତଃ ଜ୍ଞାନଗର୍ଭକ ବୁଦ୍ଧିମତା ଓ ଚାତୁର୍ଯ୍ୟତାପୂର୍ଣ୍ଣ ଯୁକ୍ତିର କଥା ବର୍ଣ୍ଣନା କରି ନାହାନ୍ତି । ବରଂ କୁରଆନ୍ ଶରୀଫର ଅସ୍ପର୍ଶ ଜ୍ଞାନର ମଧ୍ୟ ମୁସଲେହ୍ ମଉଦ୍ ର.ଅ ପରିଚୟ ପ୍ରଦାନ କରଛନ୍ତି । ସୁତରାଂ ଅଲ୍ଲାଃତାଲା କୁରଆନ୍ ଶରୀଫରେ ବର୍ଣ୍ଣନା କରନ୍ତି ଯେ, **ଲା ୟମସ୍ସୁ ହୁ ଇଲଲ୍ ମୁତହ୍ହରୁନ୍(80:سورة الواقعة)** ଅର୍ଥାତ୍ ପବିତ୍ର ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କେହି ଏହାର ସତ୍ୟତାକୁ ଉପଲବ୍ଧି କରିପାରନ୍ତି ନାହିଁ । ସୁତରାଂ ବାଲ୍ୟାବସ୍ଥାର ଏକାକୀତ୍ୱରୁ ବାହାରିବା ମାତ୍ରେ ସେ ଲୋକମାନଙ୍କ ସମ୍ମୁଖରେ କୁରଆନ ଶରୀଫର ନବ ନବ ଏବଂ ସୌମ୍ୟ ଓ କୌମ୍ୟ ଜ୍ଞାନଗର୍ଭକ ତଥା ସାରଗର୍ଭକ ବିଷୟ ଆଲୋଚନା କରିବା ଏହି କଥାର ଏକ ଜ୍ୱଳନ୍ତ ପ୍ରମାଣ ଓ ସାକ୍ଷ୍ୟ ଯେ, ସେ ବାଲ୍ୟାବସ୍ଥା ତଥା କୈଶୋରାବସ୍ଥା ଅଲ୍ଲାଃତାଲାଙ୍କ ବିଶେଷ ତତ୍ତ୍ୱାବଧାନରେ ହିଁ କାଳାତିପାତ କରିଥିଲେ ଏବଂ ବାଲ୍ୟାବସ୍ଥାରୁ ହିଁ ସେ ପବିତ୍ର ଓ ପୁଣ୍ୟ ବ୍ୟକ୍ତିମାନଙ୍କ ଦଳରେ ଅନ୍ତର୍ଭୁକ୍ତ ଥିଲେ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ ଉପସନାର ସ୍ତର ବାଲ୍ୟାବସ୍ଥାରେ ଯେଉଁ ସ୍ତର ରହିଥିଲା ତତ୍ ସଂପର୍କରେ ଶେଖ୍ ଗୁଲାମ୍ ଅହମଦ୍ ସାହେବ୍ ୱାଇଜ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ଏହା ସଂକଳ୍ପ ନେଲି ଯେ, ମୁଁ ଆଜି ରାତିଟା ମସଜିଦେ ମୁବାରକ୍ ଠାରେ

କଟେଇବି ଏବଂ ଏକୁଟିଆ ନିଜର ଭଗବାନଙ୍କ ଠାରୁ ଯାହା ଚାହିଁବି ତାହା ମାଗିବି । ତେଣୁ ଯେତେବେଳେ ମୁଁ ମସଜିଦରେ ପହଞ୍ଚିଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, କେହି ସଜଦା ଅବସ୍ଥାରେ ପଡ଼ିରହିଛି ଏବଂ ବିନତୀ କରି ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ଓ ଡ଼ାକୁଛି । ତାଙ୍କ କ୍ରନ୍ଦନଯୁକ୍ତ ବିନତୀ ଯୋଗୁଁ ମୁଁ ନମାଜ଼ ମଧ୍ୟ ପଢି ପାରିଲି ନାହିଁ । ସେହି ବ୍ୟକ୍ତିର ପ୍ରାର୍ଥନାର ପ୍ରଭାବ ମୋ ଉପରେ ବିସ୍ତାରିତ ହେବାକୁ ଲାଗିଲା ଏବଂ ମୁଁ ପ୍ରାର୍ଥନା କଲି ଯେ, ହେ ଈଶ୍ୱର ! ଏହି ବ୍ୟକ୍ତି ତୁମ୍ଭ ଠାରୁ ଯାହା ଚାହୁଁଛି ତାହା ତାକୁ ପ୍ରଦାନ କରିଦିଅନ୍ତୁ । ସୁତରାଂ ମୁଁ ଛିଡ଼ା ହୋଇ ହୋଇ କ୍ଲାନ୍ତ ହୋଇପଡ଼ିଲି ଯେ, ଏହି ବ୍ୟକ୍ତି ମୁଣ୍ଡ ଉପରକୁ କରୁ ମୁଁ ତାହାର ମୁଖ ଦେଖିବି ଯେ, ସେହି ବ୍ୟକ୍ତିଟି କିଏ ? ସୁତରାଂ ଯେତେବେଳେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ନିଜର ମୁଣ୍ଡ ଉଠାଇଲେ ତେବେ ମୁଁ କ'ଣ ଦେଖୁଛି ଯେ, ସେ ତ' ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଅଟନ୍ତି । ମୁଁ ନମସ୍କାର କଲି ଏବଂ କରମର୍ଦ୍ଦନ କଲି ଏବଂ ପଚରିଲି ଯେ, ମିଆଁ ସାହେବ୍ ଆଜି ଅଲ୍ଲାତାଲାଙ୍କ ଠାରୁ କ'ଣ ସବୁ ପ୍ରାପ୍ତ କରିନେଇଛ ? ମୁଲେହ୍ ମଉଦ୍ ର.ଅ ଉତ୍ତର ଦେଲେ ଯେ, ହେ ଈଶ୍ୱର ମୋତେ ମୋ ଚକ୍ଷୁ ଦ୍ୱାରା ଇସଲାମକୁ ଜୀବିତ କରି ଦେଖାଇ ଦିଅ ! ଏହା କହି ସେ ଭିତରକୁ ଚାଲିଗଲେ । ଗୁଲାମ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଇସଲାମର ବିଜୟ ଦେଖିବାର ଏହି ଉତ୍କଣ୍ଠାପୂର୍ଣ୍ଣ ଆଶା ଓ ଆକାଂକ୍ଷା ସେହି ଯୁବ ବୟସର ପ୍ରଥମ ପାଦରେ ହିଁ ତାଙ୍କ ମନ ଭିତରେ ଭରି ରହିଥିଲା । ସୁତରାଂ ଅଲ୍ଲାଃତାଲା ସେହି ଯୁବାବସ୍ଥାରେ ହିଁ ତାଙ୍କୁ ଖିଲାଫତର ଚାଦର ପିନ୍ଧାଇ ଥିଲେ ।

ହଜ଼ରତ୍ ଖଲିଫତୁଲ୍ ମସିହ୍ ସାନି ର.ଅ ତଶହିଜୁଲ୍ ଅଜ଼ହାନ୍ ପୁସ୍ତକରେ ନିଜର ଏକ ଦୁଆ ସଂପର୍କରେ ଉଲ୍ଲେଖ କରିଛନ୍ତି ଯାହାକୁ ସେ ୧୯୦୯ ମସିହାରେ ଲେଖିଥିଲେ । ସେ ଅଲ୍ଲାଃତାଲାଙ୍କ ସମକ୍ଷରେ ପ୍ରାର୍ଥନା କରି ବର୍ଣ୍ଣନା କରନ୍ତି ଯେ, ହେ ମୋର ଈଶ୍ୱର ! ମୁଁ ଅତ୍ୟନ୍ତ ମହତ୍ତ୍ୱକାଂକ୍ଷୀ ହୋଇ  ତୁମ୍ଭ ନିକଟରେ ପ୍ରାର୍ଥନା କରୁଛି ଏବଂ ସଜଦା କରୁଛି ଏବଂ କହୁଛି ଯେ, ତୁମ୍ଭେ ମୋହର ଏହି ପ୍ରାର୍ଥନା କୁ ସ୍ୱୀକାର କର ଏବଂ ମୋର ଡ଼ାକ ଶୁଣ । ହେ ମୋର ପବିତ୍ରମୟ ଈଶ୍ୱର ମୋର ଜାତି ଧ୍ୱଂସ ହେଉ ଅଛି ତାକୁ ଏହି ଧ୍ୱଂସରୁ ରକ୍ଷା କର । ଯଦି ସେହି ଜାତିର ଲୋକମାନେ ନିଜକୁ ଅହମଦି ରୂପେ ବିବେଚିତ କରୁଛନ୍ତି ଏବଂ ଯେପର୍ଯ୍ୟନ୍ତ ସେମାନଙ୍କର ହୃଦୟ ଅପବିତ୍ରରୁ ସ୍ୱଚ୍ଛ ହୋଇ ନାହିଁ, ସେମାନଙ୍କ ମନରେ ଈଶ୍ୱରପ୍ରେମ ଭରି ନାହିଁ । ସେପର୍ଯ୍ୟନ୍ତ ମୋର ସେମାନଙ୍କ ସହିତ କୌଣସି ସଂପର୍କ ନାହିଁ । ତେଣୁ ହେ ମୋର ଈଶ୍ୱର ! ନିଜର ରହମାନିୟତ୍ ଏବଂ ରହିମିୟତର ଗୁଣକୁ ସିଦ୍ଧ କରି ସେମାନଙ୍କୁ ପବିତ୍ର କରିଦିଅ । ସାହାବାମାନଙ୍କ ଉତ୍ସାହ ପରି ସେମାନଙ୍କ ଠାରେ ମଧ୍ୟ ଉତ୍ସାହ, ଉନ୍ମାଦନା ତାଙ୍କ ଠାରେ ଜାତ କର । ସେମାନେ ତୁମ୍ଭ ଧର୍ମର ସେବା ପ୍ରତି ଆତୁର ଓ ବ୍ୟାକୁଳିତ ହୋଇଯାଆନ୍ତୁ । ତାଙ୍କର କର୍ମ ତାଙ୍କର କଥନ ଠାରୁ ଅଧିକ ଉତ୍କୃଷ୍ଟ ଓ ସ୍ୱଚ୍ଛ ହେଉ । ସେମାନେ ତୁମ୍ଭର ପ୍ରିୟ ମୁଖମଣ୍ଡଳ ପ୍ରତି ପ୍ରାଣାହୁତି ଦିଆନ୍ତୁ  ଏବଂ ନବୀ କରିମ୍ ସ.ଅ ପାଇଁ ମଧ୍ୟ ନିଜ ଜୀବନକୁ ଉତ୍ସର୍ଗ କରନ୍ତୁ, ତୁମ୍ଭର ମସିହ୍ କରିଥିବା ପ୍ରାର୍ଥନା ତାଙ୍କ ସପକ୍ଷରେ ସ୍ୱୀକାର୍ଯ୍ୟ ହେଉ, ତାଙ୍କର  ପବିତ୍ର ଓ ସତ୍ୟ ଶିକ୍ଷା ତାଙ୍କ ହୃଦୟରେ କାୟା ବିସ୍ତାର କରୁ । ହେ ମୋର ଈଶ୍ୱର ମୋର ଜାତିକୁ ସମସ୍ତ ଆପତ୍ତି ଓ ବିପତ୍ତି ଠାରୁ ଏବଂ ଦୁଃଖ କଷ୍ଟ ଠାରୁ ସୁରକ୍ଷିତ ରଖ ଏବଂ ବିଭିନ୍ନ ପ୍ରକାରର ବିପଦ ଠାରୁ ସେମାନଙ୍କୁ ସୁରକ୍ଷିତ ରଖ, ସେମାନଙ୍କ ମଧ୍ୟରେ ମହାନ୍, ବରିଷ୍ଠ ବ୍ୟକ୍ତିମାନେ ଜନ୍ମ ଗ୍ରହଣ କରନ୍ତୁ । ସେମାନେ ଏକ ଜାତି  ହୋଇ ଯାଆନ୍ତୁ । ଯାହାକୁ ତୁମ୍ଭେ ଚୟନ କରିଛ ଓ ଏମାନେ ଏକ ଗୋଷ୍ଠୀ ହୁଅନ୍ତୁ । ଯାହାକୁ ତୁମ୍ଭେ ନିଜ ପାଇଁ ଚୟନ କରିଛ । ଶୈତାନର କୁପ୍ରରୋଚନା ଠାରୁ ଏମାନଙ୍କୁ ରକ୍ଷା କର । ଏମାନଙ୍କ ନିକଟରେ ସର୍ବଦା ଦେବଦୂତମାନେ ଅବତୀର୍ଣ୍ଣ ହୁଅନ୍ତୁ । ଏହି ଜାତିକୁ ଧାର୍ମିକ କ୍ଷେତ୍ରରେ ଏବଂ ସାଂସାରିକ କ୍ଷେତ୍ରରେ ମଙ୍ଗଳମୟ ପ୍ରଦାନ କରନ୍ତୁ ।

ପରିଶେଷରେ ହୁଜୁର୍ ଅନୱର୍ ଅ.ବ ପ୍ରାର୍ଥନା କଲେ ଯେ, ଅଲ୍ଲାଃତାଲା ଅସଂଖ୍ୟ ଅସଂଖ୍ୟ ଦୟା ମୁସଲେହ୍ ମଉଦ୍ ର.ଅଙ୍କ ଉପରେ ଅବତୀର୍ଣ୍ଣ କରନ୍ତୁ ଏବଂ ଆମ୍ଭମାନଙ୍କୁ ତାଙ୍କର କୋହଭରା ପ୍ରାର୍ଥନାକୁ ସ୍ୱୀକାର କରନ୍ତୁ ଏବଂ ଆମ୍ଭମାନଙ୍କୁ ସେହି କୋହଭରା ପ୍ରାର୍ଥନାକୁ ହୃଦୟଙ୍ଗମ କରିବାକୁ ଏବଂ ସେହିପରି ପ୍ରାର୍ଥନା କରିବାକୁ ଏବଂ ନିଷ୍ଠାପର ଅହମଦି ହେବାକୁ ଓ ନିଜ ଜୀବନର ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଅଲ୍ଲାଃତାଲା ଆମ୍ଭମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**.......................................................**

**22nd February 2019**

**..................**